# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 July – 2025**

---

## ୟୁଜିସି- କମିଟି ଗଠନ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ-ୟୁଜିସି ପକ୍ଷରୁ କମିଟି ଗଠନ କରାଯାଇଛି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି । କମିଟିର ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ୟୁଜିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

---

## ଭିଜନ ଡକୁମେଣ୍ଟ

ଓଡ଼ିଶା ଭିଜନ ଡକୁମେଣ୍ଟକୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଶାସନ ସଚିବ  ମନୋଜ ଆହୁଜା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଶ୍ରୀଆହୁଜା  ତୃଣମୂଳସ୍ତରରେ ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ବୈଠକରେ ସରକାରୀ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁନଥିବା ଅପାରଗ ଓ ଅଯୋଗ୍ୟ କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ

ଅଭିଯୋଗ ବିଭାଗର ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ।

## ବିଶ୍ୱ ଯୁବଦକ୍ଷତା ଦିବସ

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆଜିର ପ୍ରଗତିଶୀଳ ଓ ପ୍ରତିଯୋଗିତାମୂଳକ ସମୟରେ ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ହେଲେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ ଦକ୍ଷତାରେ ପାରଙ୍ଗମ ହେବାକୁ ପଡ଼ିବ । ଏହି ଅବସରରେ ୭୦୦ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା ।

## ମାଓ ଅଭିଯାନ

ରାଜ୍ୟରେ ମାଓବାଦୀ ବିରୋଧୀ ଅଭିଯାନକୁ ଜୋରଦାର କରାଯିବ । ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ଦେବା ଲାଗି ଜନସାଧାରଣଙ୍କ ପାଇଁ ଏକ ଟୋଲ୍‌ଫ୍ରି ନମ୍ବର ଜାରି କରାଯିବ ବୋଲି ରାଜ୍ୟ ନକ୍ସଲ ବିରୋଧୀ ଅଭିଯାନର ଏଡିଜି ଭାବେ ଦାୟିତ୍ୱ ନେବା ପରେ ବରିଷ୍ଠ ପୁଲିସ୍ ଅଧିକାରୀ ସଞ୍ଜୀବ ପଣ୍ଡା କହିଛନ୍ତି । ଶ୍ରୀ ପଣ୍ଡା ମାଓବାଦୀମାନଙ୍କୁ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

**V/O**

## ତଦନ୍ତ

ପୁରୀ ରଥଯାତ୍ରା ସମୟରେ ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି । ଏ ସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପୁରୀର ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଗତକାଲି ସାକ୍ଷ୍ୟ ଗ୍ରହଣ କରିଛନ୍ତି। ରଥଯାତ୍ରା ସମୟରେ କାର୍ଯ୍ୟରତ ୪୦ ଜଣ ଅଧିକାରୀ ଏଥିରେ ଯୋଗ ଦେଇଥିବା ବେଳେ ସେମାନଙ୍କର ସାକ୍ଷ୍ୟ ପ୍ରଦାନ କରିଥିଲେ । ସର୍କିଟ୍ ହାଉସ୍‌ଠାରେ ଆଜି ମଧ୍ୟ ସାକ୍ଷ୍ୟ ଗ୍ରହଣ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ମାଲକାନଗିରି ଗସ୍ତ

ମାଲକାନଗିରି ଜିଲ୍ଲା ଦାୟିତ୍ୱରେ ଥିବା ନୋଡାଲ୍ ସଚିବ ତଥା ଶିଳ୍ପ ବିଭାଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ମାଲକାନଗିରି ଗସ୍ତରେ ଯାଇ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜନସାଧାରଣଙ୍କ ପାଖରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପହଞ୍ଚାଇବା ନେଇ ଗୁରୁତ୍ୱାରୋପ କରାଯାଇଥିଲା ।

---

## ବିକଶିତ ଗାଁ

ଚଳିତ ବର୍ଷରେ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିବା ନେଇ ଧରାକୋଟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଧରାକୋଟ ବ୍ଲକର ୧୮ଟି

ପଞ୍ଚାୟତରେ ଏହି ଯୋଜନାରେ ୫ କୋଟି ୩ ଲକ୍ଷ ଅଣଚାଶ ହଜାର ଟଙ୍କା ବ୍ୟୟ କରାଯିବା ନେଇ ବିଭିନ୍ନ ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା ।

## ବାଲୁକା କଳା

ପ୍ରଥମକରି ଇଗ୍‌ନୋ ପାଠ୍ୟକ୍ରମରେ ବାଲୁକା କଳାକୁ ସ୍ଥାନ ଦିଆଯାଇଛି । ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ବାଲୁକା କଳାର ଚାହିଦା ଏବଂ ଭାରତୀୟ ସଂସ୍କୃତି ଓ କଳାକୁ ବିଶ୍ୱବ୍ୟାପୀ କରାଇବା ଲକ୍ଷ୍ୟରେ ଇଗ୍‌ନୋ ଏହି ପାଠ୍ୟକ୍ରମକୁ ସ୍ଥାନୀତ କରିଥିବା ଜଣାପଡ଼ିଛି । ଅନ୍‌ଲାଇନ୍ ମାଧ୍ୟମରେ ଏହି ପାଠ୍ୟକ୍ରମ ଶିକ୍ଷା ଦିଆଯିବା ସହିତ ବିଭିନ୍ନ ଡେମନ୍‌ଷ୍ଟ୍ରେସନ୍ ପ୍ରଦାନ କରାଯିବ । ଇଗ୍‌ନୋର ଏହି ପଦକ୍ଷେପକୁ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ସ୍ୱାଗତ କରିଛନ୍ତି ।

## ବ୍ୟାଡମିଣ୍ଟନ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଅଖିଳ ଭାରତୀୟ ବରିଷ୍ଠ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ବିଜୟୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବିଭାଗରେ ୧୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।

# ପାଣିପାଗ

ରାଜ୍ୟରେ ଲଘୁଚାପ ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରର ତେଲକୋଇଠାରେ ସର୍ବାଧିକ ୧୨୪ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୫ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୦୮ ଦଶମିକ ୧/୭ ଘନଫୁଟ ରହିଛି ।